# Akashvani, Sambalpur

## SAMBALPURI NEWS EVENING BULLETIN

## 15 August 2025- 8.32 pm- 8.42 pm.

*********************************************

୧- ଦେଶେ ଉତ୍ସାହ ଆର୍ ଉଦ୍ଦୀପନାଥି ପାଲନ୍ ହେଇଛେ ୭୯ ନମ୍ବର୍ ସ୍ୱାଧୀନତା ଦିବସ୍ ।

- ଦିଲ୍ଲୀ ଲାଲ୍‌କିଲ୍ଲାନୁ ଜାତୀୟ ପତାକା ଉତୋଲନ୍ କଲେ ପ୍ରଧାନ୍‌ମନ୍ତ୍ରୀ ।

- ଘୋଷ୍ନା କଲେ ୧ ଲାଖ୍ କୋଟି ଟଙ୍କାର୍ ବିକଶିତ୍ ଭାରତ୍ ରୋଜ୍‌ଗାର୍ ଯୋଜ୍‌ନା, ଆତ୍ମନିର୍ଭର୍ ଭାରତ୍ ଲାଗି ସ୍ୱଦେଶୀ ଦରବ୍ ବେଭାର୍ ଲାଗି ଦେଲେ ଆହ୍ୱାନ୍ ।

୨- ରାଜ୍ୟସ୍ତରୀୟ ସମାରୋହଥି ଯୋଗ୍ ଦେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

- କହେଲେ, ବିକାଶ୍‌ର ପରିବର୍ତନ୍ ଆଡ୍‌କେ ଯାଉଛେ ଓଡ଼ିଶା ।

- ୨୧ ଟା ଏନ୍‌ଏସି ଗଠନ୍ ଲାଗି କଲେ ଘୋଷ୍ନା ।

୩- ଉଲ୍ଲେଖନୀୟ କାମ୍ ଲାଗି ୨୨ ଝନ୍‌କୁ ପଦକ୍ ପ୍ରଦାନ୍ କଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ଭକ୍ତି ଆର୍ ଉସ୍ନାକିଥି ପାଲନ୍ ହେଉଛେ ପବିତ୍ର ଜନ୍ମାଷ୍ଟମୀ ।

ସ୍ୱାଧୀନତା ଦିବସ-ପ୍ରଧାନ୍‌ମନ୍ତ୍ରୀ ଏନ୍‌ଏସ୍‌ଡି

ଦେଶ୍ ଆଏଜ୍ ୭୯ ତମ ସ୍ୱାଧୀନତା ଦିବସ୍ ପାଲନ୍ କରିଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର୍ ଐତିହାସିକ୍ ଲାଲ୍‌କିଲ୍ଲାନୁ ଜାତୀୟ ପତାକା ଉତୋଲନ୍ କରିକରି ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କରିଛନ୍ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଶତ୍ରୁମାନ୍‌କର୍ ସବୁ ଚେରେଷ୍ଟା ବିଫଲ୍ କର୍‌ବାର୍ ଲାଗି ଆଉ ଗୁଟେ ଶକ୍ତିଶାଲୀ ଅସ୍ତ୍ରଶସ୍ତ୍ର ପ୍ରଣାଲୀ ତିଆର୍ କର୍‌ବାର୍ ଲକ୍ଷ୍ୟଥି ମିଶନ୍ ସୁଦର୍ଶନ୍ ଚକ୍ର ମୁଲ୍ କରାଯିବା ।

(ଭଏସ୍ ଓଭର୍-ପ୍ରଧାନ୍‌ମନ୍ତ୍ରୀ-୧)

ପ୍ରଧାନ୍‌ମନ୍ତ୍ରୀ ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା, ଶକ୍ତି, ମହାକାଶ୍ ଆଉ ଉତ୍ପାଦନ୍ କ୍ଷେତ୍ରଥି ଭାରତ୍‌ର ଅଗ୍ରଗତି ବାବ୍‌ଦେ ଆଲୋଚନା କରିକରି କହିଛନ୍, ଇ ସବୁ କ୍ଷେତ୍ର ଆତ୍ମନିର୍ଭର୍ ଭାରତ୍‌କେ ନୂଆଁ ଦିଗ୍ ଦେଖଉଛେ । ଆତ୍ମନିର୍ଭର୍ ଭାରତ୍ ଲାଗି ଦେଶ୍ ଆତଙ୍କବାଦ୍ ବିରୋଧିଥି ସଂଗ୍ରାମ୍ କରିକରି ଅପରେସନ୍ ସିନ୍ଦୁର୍ ଅଭିଯାନ୍‌ଥି ସଫଲତା ପାଇଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଆତ୍ମନିର୍ଭର୍ ଭାରତ୍ ଗଠନ୍ ଲାଗି ସ୍ୱଦେଶୀ ଦରବ୍

ବେଭାର୍ କର୍‌ବାର୍‌କେ ଦେଶ୍‌ବାସୀକୁ ଆହ୍ୱାନ୍ ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ବିକଶିତ୍ ଭାରତ୍ ରୋଜ୍‌ଗାର୍ ଯୋଜ୍‌ନାର୍ ଘୋଷ୍‌ନା କରିଛନ୍ । ଇ ଯୋଜ୍‌ନା ଜରିଏ ୩ ଲାଖ୍ ନୁ ଅଏତ୍‌କା ଯୁଆନ୍ ପିଲା ଟୁକେଲ୍ ଉପକୃତ ହେବେ । ଇଥିର୍‌ଲାଗି ୧ ଲାଖ୍ କୋଟି ଟଙ୍କା ଖର୍ଚ୍ଚା ହେବା ।

ସେନ୍ତା ଆଏବା ଦିଆଲି ତକ୍ ଦେଶେ ନେକ୍ସଡ୍ ଜେନେରେସନ୍ ଜିଏସ୍‌ଟି ସଂସ୍କାର୍ ଲାଗୁ ହେବା ବଲି ପ୍ରଧାନ୍‌ମନ୍ତ୍ରୀ ଘୋଷ୍‌ନା କରିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ-୨)

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ସମୁଦ୍ର ସମ୍ପତିର୍ ବେଭାର୍ ଲାଗି ଜାତୀୟ ଗଭୀର ଜଳ ମିଶନ୍ ମୁଲ୍ କରାଯିବା । ଦେଶେ ପରମାଣୁ ଶକ୍ତିର୍ ବିସ୍ତାର୍ ଉପ୍‌ରେ ଭିଲ୍ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଦେଶ୍ ଇ ବଛର୍ ଶେଷ୍ ତକ୍ ମେଡ୍ ଇନ୍ ଇଣ୍ଡିଆ ସେମିକଣ୍ଡକ୍ଟର୍ ଚିପ୍‌ସ୍ ଶୁଭାରମ୍ଭ କର୍‌ବା । ଇଟା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରଥି ଦେଶର୍ ବଢୁଥିବା ଶକ୍ତିକେ ଦର୍ଶଉଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଲାଲ୍‌କିଲ୍ଲା ନ ପୁହୁଁଚିବାର୍ ଆଘୋନୁ ପ୍ରଧାନ୍‌ମନ୍ତ୍ରୀ ରାଜ୍‌ଘାଟ୍ ଠାନେ ଜାତିର ପିତା ମହାତ୍ମାଗାନ୍ଧୀଙ୍କର୍ ସମାଧି ସ୍ଥଲ୍ ନ ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ମୁଖ୍ୟମନ୍ତ୍ରୀ- ସ୍ୱାଧୀନତା ଦିବସ୍ I&PR

ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜାତୀୟ ପତାକା ଉତୋଲନ୍ କରିକରି ଅଭିବାଦନ୍ ଗ୍ରହଣ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଉଦ୍‌ବୋଧନ୍ ଦେଇକରି ବହୁତ୍‌ଟେ ଜନକଲ୍ୟାଣ୍‌କାରୀ ପଦକ୍ଷେପ୍ ବାବ୍‌ଦେ ଘୋଷ୍‌ନା କରିଛନ୍ । ଓଡ଼ିଶା ଇହାଦେ ପରିବର୍ତନ୍ ଆଡ୍‌କେ ଯାତ୍ରା ମୁଲ୍ କରିଛେ । ରାଏଜେ ୨୮ ହଜାର୍ ୩ ଶହ ୯୨ ଟା ପଦ୍‌ବୀ ପୂରଣ୍ ହେଇଛେ । ଆଉ ୩୪ ହଜାର୍ ୫ ଶହ ଟା ପଦ୍‌ବୀ ଭିନ୍ ଭିନ୍ ଆୟୋଗ୍ ତର୍‌ଫୁ ନିଯୁକ୍ତି ପ୍ରକ୍ରିୟା ଚାଲିଛେ । ଆଏବା ଦିନେ ଓଡ଼ିଶାକେ ଫାର୍ମା ହବ୍ କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ । ଇ କ୍ଷେତ୍ରଥି ୨ ଲାଖ୍ ୫୦ ହଜାର୍‌ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେଇପାର୍‌ବା । ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ -୨୦୨୫ ପୁଞ୍ଜିନିବେଶ୍ କ୍ଷେତ୍ରଥି ନୂଆଁ ଇତିହାସ୍ କରିଛେ । ୧୭ ଲାଖ୍ କୋଟି ଟଙ୍କାର୍ ପୁଞ୍ଜିପ୍ରସ୍ତାବ୍ ଆଉ ୧୩ ଲାଖ୍ ନିଯୁକ୍ତି ସୁଯୋଗ୍ ସହେତେ ଇ କାର୍ଯ୍ୟକ୍ରମ୍ ଆଘର୍ ସବୁ ରେକର୍ଡ଼ ଭାଙ୍ଗିଛେ । ରାଜ୍ୟ ସର୍‌କାର୍ ମହିଳାମାନ୍‌କର୍ ସୁରକ୍ଷାକେ ପ୍ରାଥମିକତା ଦେଉଛନ୍ । ଇଥିର୍‌ଲାଗି ଶୂନ୍ୟ ସହନଶୀଳ ନୀତି ଅପ୍‌ନାବାର୍ ସହେତେ ମହିଳା ଅପରାଧ୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ପୁଲିସ୍ ବିଭାଗ୍‌କେ ପୁରା କ୍ଷମତା ଦିଆଯାଇଛେ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଗରିବ୍ କଲ୍ୟାଣ୍ ଯୋଜ୍‌ନାଥି ୧୧ ଟା ଜିଲ୍ଲାର୍ ୨୭ ଲାଖ୍ ନୁ ଅଏତ୍‌କା ହିତାଧିକାରୀଙ୍କୁ ଆଏବା ୩ ମାସ୍‌ତକ୍ ଅଏତ୍‌କା ୫ କେଜି ଲେଖା ଚାଉଲ୍ ଯୁଗେଇ ଦେବାର୍ ଲାଗି ନିଷ୍ପତି ନିଆଯାଇଛେ ବଲି କହିଛନ୍ । ଆଏବା ୫ ବଛର୍ ଭିତ୍‌ରେ ରାଏଜେ ଆହୁରି ୭୫ ହଜାର୍ କିଲୋମିଟର୍ ଉନ୍ନତ୍ ରାସ୍ତା ତିଆର୍ କରାଯିବା । ୪ ଟା ନୂଆ ବନ୍ଦର୍ ତିଆର୍ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ । ଲୁକ୍‌କର୍ ଆବଶ୍ୟକତାକେ ନଜର୍‌ଥି ରଖିକରି ସର୍‌କାର୍ ଆଉ ୨୧ ଟା ନୂଆଁ ବିଜ୍ଞପିତ ଅଂଚଳ ପରିଷଦ୍ ଥାପ୍‌ନା ଲାଗି ନିଷ୍ପତି ନେଇଛନ୍ । ୨୦୩୬ ମସିହାତକ୍ ରାଜ୍ୟର୍ ଅର୍ଥନୀତିକେ ୫୦ ହଜାର୍ କୋଟି ଡଲାର୍‌କେ ପୁହୁଁଚାବାର୍ ଲକ୍ଷ୍ୟ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସ୍ୱାଧୀନତା ଦିବସ୍- ଜିଲ୍ଲାସ୍ତରୀୟ    ସମ୍ବଲପୁର/କଲାହାଣ୍ଡି/ ବର୍‌ଗଡ୍/ଦେବ୍‌ଗଡ୍/ବୌଦ୍ଧ/ସୁବର୍ଣ୍ଣପୁର୍/ନୂଆପଡ଼ା/ଏକ୍ସ

ସମ୍ବଲ୍‌ପୁର୍ ରିଜର୍ଭ ପୁଲିସ୍ ପଡ଼ିଆ ଠାନେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ୍ ଦେଇକରି ପତାକା ଉତୋଲନ୍ କର୍‌ବାର୍ ସହେତେ ଅଭିବାଦନ୍ ଗ୍ରହଣ୍ କରିଥିଲେ ।

ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପୂଜାରୀ ଦେଶର୍ ଭାଗିଦାରୀଥି ନୂଆଁ ପିଢ଼ି ଆଗ୍‌କେ ଆସ୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

ବଲାଙ୍ଗିର୍ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କରିଥିଲେ । ସ୍ୱାଧୀନତା ଦିବସ୍ ପାଲନ୍ ଖାଲି ଗୁଟେ ଗୌରବ୍ ମନାବାର୍ ଦିବସ୍ ନୁହେଁ, ଆମେ ଦେଶ୍‌କେ କେତେ ଉନ୍ନତି ଶିଘାକେ ନେଇପାରିଛୁ, ସେଟା ଆକଲନ୍ କର୍‌ବାର୍ ଦିନ୍ ଆଏ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ସୁବର୍ଣ୍ଣପୁର୍ ରାମେଶ୍ୱର୍ ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହଥି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କରିକରି ଅଭିବାଦନ୍ ଗ୍ରହଣ୍ କରିଥିଲେ । ପେରେଡ଼୍‌ଥି ୪୦ ଟି ଦଲ୍ ଅଂଶଗ୍ରହଣ୍ କରିଥିଲେ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାର୍ ଲାଲ୍‌ବାହାଦୂର୍ ଶାସ୍ତ୍ରୀ ଷ୍ଟାଡ଼ିୟମ୍ ଠାନେ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜାତୀୟ ପତାକା ଉତୋଲନ୍ କରିକରି ପେରେଡ଼୍‌ର ଅଭିବାଦନ୍ ଗ୍ରହଣ୍ କରିଥିଲେ ।

ବର୍‌ଗଡ଼୍ ଜିଲ୍ଲା ଜଜ୍ ହାଇସ୍କୁଲ୍ ପଡ଼ିଆଠାନେ ହେଇଥିବା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହଥି ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ଯୋଗ୍ ଦେଇକରି ଜାତୀୟ ପତାକା

ଉତୋଲନ୍ କରିଥିଲେ । ଇ ଅବ୍‌ସରେ ଜାତୀୟ, ଅନ୍ତର୍ଜାତୀୟ ସ୍ତର୍‌ଥି ପୁରସ୍କୃତ୍ ହେଇଥିବା ଲୁକ୍‌କୁ ସମ୍ମାନିତ୍ କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କରିକରି ଅଭିବାଦନ୍ ଗ୍ରହଣ୍ କରିଥିଲେ ।

ନୂଆପଡ଼ା ଜିଲ୍ଲା ମିନି ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହଥି ଜିଲ୍ଲାପାଲ୍ ମଧୂସୂଦନ୍ ଦାସ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କରିକରି ଅଭିବାଦନ୍ ଗ୍ରହଣ୍ କରିଥିଲେ ।

ବୌଦ୍ଧ ଜିଲ୍ଲା ସଦର୍ ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ପେରେଡ୍‌ର ଅଭିବାଦନ୍ ଗ୍ରହଣ୍ କରିଥିଲେ ।

ଜିଲ୍ଲାସ୍ତର୍ ସହେତେ ସାରା ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ବ୍ଲକ୍ ପଂଚାୟତ୍ ସ୍ତର୍ ନ ଭିଲ୍ ଉସତ୍ ଉସ୍‌ନାକିଥି ସ୍ୱାଧୀନତା ଦିବସ୍ ପାଲିତ୍ ହେଇଯାଇଛେ । ସବୁ ଜାଗା ନ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ- ପଦକ୍ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ୨୨ ଝନ୍ ପୁଲିସ୍ ଅଧିକାରୀ ଆର୍ କର୍ମଚାରୀଙ୍କୁ ପଦକ୍ ପ୍ରଦାନ୍ କରିଛନ୍ । ସେମାନ୍‌କର୍ ଭିତ୍‌ରୁ ବିଶିଷ୍ଟ ସେବା ଲାଗି ୨ ଝନ୍‌କୁ ରାଷ୍ଟ୍ରପତି ପଦକ୍, ୯ ଝନ୍‌କୁ ସାହସିକତା ପଦକ୍ ଆର୍ ୧୧ ଝନ୍‌କୁ ଉଲ୍ଲେଖନୀୟ ସେବା ଲାଗି ପୁଲିସ୍ ପଦକ୍ ପ୍ରଦାନ୍ କରାଯାଇଛେ ।

ଜନ୍ମାଷ୍ଟମୀ ଆର୍‌ଏନ୍‌ୟୁ ସମ୍ବଲପୁର/ସୋନ୍‌ପୁର୍

ରାଏଜେ ଆଏଜ୍ ଭକ୍ତି ଆର୍ ଉଲ୍ଲାସ୍‌ର ସଙ୍ଗେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ୍ ପାଲନ୍ ହେଉଛେ । ପୁରୀ ଶ୍ରୀମନ୍ଦିର୍ ନ ଜନ୍ମାଷ୍ଟମୀ ଲାଗି ଜବର୍ ତୟାରି ହେଇଛେ । ଇଥିର୍‌ଲାଗି ସଞ୍ଝ୍‌ବେଲର୍ ୭ ନୁ ରାତିର୍ ୧୨ ବଜେତକ୍ ଶ୍ରୀମନ୍ଦିର୍ ନ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହିଛେ ।

ସମ୍ବଲ୍‌ପୁର୍ ସହରର୍ ଗୋପାଲ୍‌ଜୀ ମଠ, ରାଧାମଦନ୍‌ଗୋପାଲ୍ ମନ୍ଦିର୍, ବର୍‌ହମ୍‌ପୁରା ଗୁଡ଼ି ଆର୍ ଅଠର୍‌ହଜାର୍ ନ ଥିବା ଇସ୍କନ୍ ମନ୍ଦିର୍ ନ ଆଏଜ୍ ଜନ୍ମାଷ୍ଟମୀ ଅବ୍‌ସରେ ଖାସ୍ କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଛେ । ଇତାର୍‌ସଙ୍ଗେ ଜିଲ୍ଲାର୍ ରାଧାକୃଷ୍ଣ ଆର୍ ଜଗନ୍ନାଥ ମନ୍ଦିର୍‌ମାନ୍‌କୁ ଭିଲ୍ ଜନ୍ମାଷ୍ଟମୀ ପାଲନ୍ କରାଯାଉଛେ ।

ସୁବର୍ଣ୍ଣପୁର୍‌ର ରାଜ୍‌ବାଟି ଭିତ୍‌ରେ ଥିବା ଶ୍ରୀଗୋପାଲ୍‌ଜୀ ମନ୍ଦିର  ବଡ଼ଖମାର ଗାଁର୍ ଶ୍ୟାମସୁନ୍ଦର୍ କୁଞ୍ଜକୁଟୀର, ପାତାଳୀ ଶ୍ରୀକ୍ଷେତ୍ର ସହେତେ ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୈଷ୍ଣବ ମଠ ଆର୍ ରାଧାକୃଷ୍ଣ ମନ୍ଦିର୍‌ମାନ୍‌କେ ଜନ୍ମାଷ୍ଟମୀ ପରବ ପାଲନ୍ କରାଯାଉଛେ ।

ଦୂରଦର୍ଶନ୍-ସମ୍ବଲ୍‌ପୁରୀ ସମାଚାର୍  ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱାଧୀନତା ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ରର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ଆଏଜ୍ ସମ୍ବଲ୍‌ପୁରୀ ସମାଚାର୍ ପ୍ରସାରଣ୍ ମୁଲ୍ ହେଇଛେ । ଆଏଜ୍ ସଖାଲ୍‌ବେଲା ୧୧ ବଜେନୁ ୧୧ ବାଜିକରି ୧୫ ମିନିଟ୍‌ତକ୍ ସମ୍ବଲ୍‌ପୁରୀ ଭାଷାରେ ଡିଡି ଓଡ଼ିଆଥି ପ୍ରସାରଣ୍ କରାଯାଇଥିଲା । ପହେଲାକରି ଇଟା ସାପ୍ତାହିକ୍ ଭାବେ ପ୍ରସାର୍ କରାଯିବା ବଲି ସୂଚ୍‌ନା ମିଳିଛେ ।

ତ୍ରିରଙ୍ଗା ଶୋଭାଯାତ୍ରା            ବୌଦ୍ଧ/ ସୁବର୍ଣ୍ଣପୁର ସମ୍ବାଦଦାତା

ସ୍ୱାଧୀନତା ଦିବସ୍ ଅବ୍‌ସରେ ବୌଦ୍ଧ ଠାନେ ଆଏଜ୍ ତ୍ରିରଙ୍ଗା ଶୋଭାଯାତ୍ରା ହେଇଥିଲା । ଶହେ ମିଟର୍ ଜାତୀୟ

ପତାକା ଧରିକରି ନଗର୍ ପରିକ୍ରମା କରାଯାଇଥିଲା । ଶୋଭାଯାତ୍ରା ସହରର୍ ରାମ୍‌ମନ୍ଦିର୍‌ଠାନୁ ବାହାରିକରି ମର୍ଯ୍ୟାକୁଦା ବ୍ରିଜ୍ ଛକ୍ ତକ୍ ଯାଇଥିଲା । ବ୍ରିଜ୍ ଛକ୍ ନ ତ୍ରିରଙ୍ଗା ଉତ୍ସବ୍ ଆୟୋଜନ୍ କରାଯାଇଥିଲା । ଇ ଅବ୍‌ସରେ ବୌଦ୍ଧର୍ ଐତିହ୍ୟ ପରମ୍ପରା ଆଉ ଲୋକ୍‌ନୃତ୍ୟର୍ ଝଲକ୍ ଦେଖିବାର୍‌କେ ମିଳିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ମାୟାବର୍‌ହା ନୋଡ଼ାଲ୍ ଉଚ୍ଚବିଦ୍ୟାଳୟ ନ ସ୍ୱାଧୀନତା ଦିବସ୍ ଅବ୍‌ସରେ ତ୍ରିରଙ୍ଗା ଶୋଭାଯାତ୍ରା ହେଇଥିଲା । ଇଥି ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଓଡ଼ିଶା ଆଉ ଉତର୍ ଆନ୍ଧ୍ରପ୍ରଦେଶ ଉପକୂଳ ନ ସୃଷ୍ଟି ହେଇଥିବା ଲଘୁଚାପ ବଲେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଘଡ଼ଘଡ଼ି ସହେତେ ବର୍ଷା ଲାଗି ରହିଛେ । ଆଏବା ୧୯ ଆର୍ ୨୭ ତାରିଖ୍ ଆଉ ୨ ଟା ଲଘୁଚାପ୍ ହେଇପାରେ । ଇତାର୍ ପ୍ରଭାବ୍‌ଥି ରାଏଜେ ଆହୁରି ଜବର୍ ଜବର୍ ବର୍ଷା ହେଇପାରେ ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।